# Akashvani, Sambalpur

## SAMBALPURI NEWS MORNING BULLETIN

## 1 September 2026 - 6.47- 6.52 am.

---

ରାଜ୍ୟ ଡବ୍ଲୁସିଡ଼ି ନେତୃତ୍ୱ କର୍ମଶାଳା ଆଇ ଆଣ୍ଡ୍ ପି.ଆର୍

ଜାତୀୟ ମହିଳା କମିଶନ୍ ଆଉ ରାଜ୍ୟ ସର୍କାର୍‌ଙ୍କର୍ ତର୍ଫୁ ଆଏଜ୍‌ଠାନୁ ଆଏବା ୩ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ନ ପହେଲା ଶକ୍ତି ସମ୍ମିଲନୀ-ରାଜ୍ୟ ଡବ୍ଲୁସିଡ଼ି ନେତୃତ୍ୱ କର୍ମଶାଳା ହେବା । ଉଦ୍‌ଘାଟନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଜାତୀୟ ମହିଳା କମିଶନ୍ ର ଅଧ୍ୟକ୍ଷା ବିଜୟା ରାହତ୍‌କର୍ ପ୍ରମୁଖ ଉପସ୍ଥିତ୍ ରହିକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ସମନ୍ୱୟ - ସମ୍ବାଦ୍ - ସଂକଳ୍ପ - ସମାଧାନ୍ ଶୀର୍ଷକ୍ ବିଷୟବସ୍ତୁକେ ନେଇକରି ଆୟୋଜିତ୍ ସମ୍ମିଲନୀଥି ୨୫ ଟା ରାଜ୍ୟର୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍‌ର ପ୍ରମୁଖ ସଚିବ କମିଶନର୍ ବରିଷ୍ଠ ଅଧିକାରୀ ଆଉ ସମ୍ପୃକ୍ତ ଅଂଶୀଦାର୍ ମାନେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ର ୨ ନମ୍ବର୍ ଦିନେ ଶକ୍ତି ସୋ’

ଆତ୍ମରକ୍ଷା ପରେଡ଼୍‌ର ଆୟୋଜନ୍ କରାଯିବା । ଯେନଥି ୩ ଶହ ୫ନ୍ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଳା ଯୋଗ୍ ଦେଇକରି ନିଜର୍ କୌଶଲ୍ ପ୍ରଦର୍ଶନ୍ କର୍‌ବେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ଗସ୍ତଥି ଯିବେ । ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ -କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରଣାଲୟର୍ ୨ ଦିନିଆ ଶିଖର୍ ସମ୍ମିଲନୀଥି ଯୋଗ୍ ଦେବେ । ଇ ସମ୍ମିଲନୀଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ମୁଖ୍ୟମନ୍ତ୍ରୀ ଆଉ ଜଲ୍‌ସମ୍ପଦ୍ ମନ୍ତ୍ରୀମାନେ ଯୋଗ୍ ଦେବେ । ସମ୍ମିଲନୀର୍ ୨ ନମ୍ବର୍ ଦିନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେମିକର୍ଣ୍ଡ ୨.୦ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ଦେଶେ ଚିପ୍ ତିଆରି ଇକୋ ସିଷ୍ଟମ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ସର୍‌କାର୍ ସେମିକର୍ଣ୍ଡ ୨.୦ ଯୋଜ୍‌ନାର୍ ଅଧିସୂଚ୍‌ନା ଜାରି

କରିଛନ୍ । ଇଥିର୍‌ଲାଗି ୧ ଲାଖ୍ ୨୭ ହଜାର୍ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ଇଲେକ୍ଟ୍ରୋନିକ୍ସ ଆଉ ସୂଚନା, ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ ନୂଆଦିଲ୍ଲୀ ନ ଗଣମାଧ୍ୟମ୍‌କେ କହିଛନ୍ । ଇ ଯୋଜ୍‌ନା ଜରିଏ ଆଏବା ଦିନେ ଭାରତ୍ ବିଶ୍ୱ ସେମିକଣ୍ଡକ୍ଟର୍ ଶିଳ୍ପ ବଜାର୍‌ଥି ପାଖାପାଖି ୧୦ ପ୍ରତିଶତ୍‌ର ଅଂଶୀଦାର୍ ହେଇପାର୍‌ବା ବଲି ସେ କହିଛନ୍ ।

ଜିଡ଼ିପି ଅଭିବୃଦ୍ଧି ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ଆର୍ଥିକ୍ ବଛର୍ ପହେଲା ତ୍ରୟମାସିକ୍‌ଥି ଦେଶର୍ ପ୍ରକୃତ୍ ମୋଟ୍ ଘରୋଇ ଉତ୍ପାଦ- ରିଅଲ୍ ଜିଡ଼ିପି ୭.୮ ପ୍ରତିଶତ୍ ବଢ଼ିଛେ । ଇ ବାବ୍‌ଦେ କେନ୍ଦ୍ର ପରିସଂଖ୍ୟାନ୍ କାର୍ଯ୍ୟକ୍ରମ୍ କାର୍ଯ୍ୟାନ୍ୱୟନ୍ ମନ୍ତ୍ରଣାଳୟ ତର୍‌ଫୁ ଏପ୍ରିଲ୍‌ନୁ ଜୁନ୍ ମାସ୍‌ତକ୍ ଜିଡ଼ିପିର ଆକଲନ୍ ବାହାର୍ କରାଯାଇଛେ । ଗଲା ଆର୍ଥିକ୍ ବଛ୍‌ରେ ସମାନ୍ ସମିଆଥି ଇ ଅଭିବୃଦ୍ଧି ହାର ୬ ଦଶ୍‌ମିକ୍ ୯ ପ୍ରତିଶତ୍ ଥିଲା । ବିଶ୍ୱ ସ୍ତର୍ ନ ଅନିଶ୍ଚିତତା ଦେଖାଦେଇଥିଲେ ଭିଲ୍ ଦେଶର୍ ଇ ଉପଲବ୍ଧି

ଲୋକ୍‌ମାନ୍‌କର୍ ସାମୂହିକ୍ ଶକ୍ତି ଆଉ ଦୃଢ଼ତାକେ ଦର୍ଶଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍ ।

ଛାତ୍ରଛାତ୍ରୀ -ଫି’            ଆଇ ଆଣ୍ଡ ପି.ଆର୍

ରାଜ୍ୟ ସର୍‌କାରୀ ମେଡ଼ିକାଲ୍ ଆଉ ଇଞ୍ଜିନିୟରିଂ କଲେଜ୍ ନ ଏଡ଼୍‌ମିଶନ୍ ବେଲ୍‌କେ ଅନୁସୂଚିତ ଜାତି ଆଉ ଜନଜାତି ବର୍ଗର୍ ଗରିବ୍ ମେଧାବୀ ଛାତ୍ରଛାତ୍ରୀମାନ୍‌କର୍ ଆର୍ଥିକ୍ ସମସ୍ୟାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ବଡ଼ ନିଷ୍ପତି ନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ଇ ବର୍ଗର୍ ଛାତ୍ରଛାତ୍ରୀମାନେ ନାଁଲେଖା ସରିଆଥି ଆଉ ତାର ୬ ମାସ୍‌ତକ୍ କେନ୍‌ସି ଫି’ ଭର୍‌ବାର୍‌କେ ନାଇଁ ପଡ଼େ । ଇ ଛାତ୍ରଛାତ୍ରୀମାନେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ବୃତି ପାଏସନ୍ । ହେଲେ ବୃତି ଟଙ୍କା ପାଏବାର୍ ବେଲ୍‌କେ ୩/୪ ମାସ୍ ଲାଗୁଥିବାର୍‌ନୁ ବୃତି ଟଙ୍କା ମିଲ୍‌ଲା ଉତ୍‌ରୁ ସେମାନେ ଫି’ ଜମା କରିପାର୍‌ବେ । ଇଥିର୍‌ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଜାରି କରାଯିବା ।

ପାରଦର୍ଶୀ ପୋର୍ଟାଲ୍- ନାଁଲେଖା          ଆଇ ଆଣ୍ଡ୍ ପି.ଆର୍

ଶିକ୍ଷା ଅଧିକାର୍ ଆଇନ୍ -୧୨ (୧) (ଗ) ଅନ୍‌ସାରେ ବେସର୍‌କାରୀ ବିଦ୍ୟାଲୟ ନ ଆର୍ଥିକ୍ ହିସାବେ ଦୁର୍ବଲ୍ ଛୁଆମାନ୍‌କୁ ମାହାଲିଆ ପାଠ୍‌ପଢ଼ା ଲାଗି ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ୍‌ଥି ଆବେଦନ୍ ପତ୍ର ମଗାଯାଇଥିଲା । ଗଲା ଅଗଷ୍ଟ ୧୪ ନୁ ମୁଲ୍ କରିକରି ୨୭ ତାରିଖ୍‌ତକ୍ ୯ ଶହ ୮୯ ଟା ଆବେଦନ୍ ଆସିଥିଲା । ଯେନ୍‌ଥିରୁ ବ୍ଲକ୍ ଶିକ୍ଷା ଅଧିକାରୀ ମାନ୍‌କର୍ ଯାଂଚ୍ କଲା ପରେ ୬ ଶହ ୨୯ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ଇ ଆବେଦନ୍‌ପତ୍ର ମାନ୍‌କୁ ପାରଦର୍ଶି ପୋର୍ଟାଲ୍ ଜରିଏ ହେଇଥିବା ଲଟ୍‌ରୀଥି ୫ ଶହ ୧ ଝନ୍ ଛାତ୍ରଛାତ୍ରୀଙ୍କୁ ନାଁଲେଖା ଲାଗି ବଛାଯାଇଛେ । ବେସର୍‌କାରୀ ବିଦ୍ୟାଲୟମାନ୍‌କେ ଆଏଜ୍‌ଠାନୁ ୧୯ ତାରିଖ୍ ଭିତ୍‌ରେ ନାଁଲେଖାଯିବା । ଯେନ୍‌ଟାକି ପୁରାପୁରି ମାହାଲିଆ ହେବା ।

ପେଷା ଆଇନ       ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତି ଅନୁସୂଚିତ ଅଂଚଲ୍ ସମ୍ପ୍ରସାରଣ୍ ଆଇନ୍- ପେଷା ଲାଗୁ କର୍ବାର୍ ଲାଗି ରାଜ୍ୟ ସର୍କାର୍ ସବୁ ପ୍ରକାର୍ ବୈଷୟିକ୍ ଆଉ ପ୍ରଶାସନିକ୍ ପ୍ରସ୍ତୁତି ଶେଷ୍ କରିଛନ୍ । ଆଏବା କେବିନେଟ୍ ବୈଠକ୍ଥି ଇ ବାବ୍ଦେ ପ୍ରସ୍ତାବ୍ ଅନାଯିବା । ପାଖାପାଖି ମାସେ ଭିତ୍ରେ ରାଏଜେ ପେଷା ଆଇନ୍ ଲାଗୁ ହେବା ବଲି ସୁନ୍ଦର୍ଗଡ୍ ଜିଲ୍ଲା ଗସ୍ତଥି ଆସିକରି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଇଟା ଲାଗୁ ହେଲେ ଅଲ୍ଗା ରାଜ୍ୟ ମାନ୍କର୍ ତୁଲନାଥି ଓଡ଼ିଶା ଆଦିବାସୀ ମାନେ ଅଏତ୍କା ଉପକୃତ୍ ହେବେ ବଲି ମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍କାର୍ ଆଦିବାସୀ ମାନ୍କର୍ ଜୀବିନ୍ ଜୀବିକା, କୌଳିକ ବୃତି, ସଂସ୍କୃତି, ପରମ୍ପରାର୍ ସୁରକ୍ଷା ଲାଗି ୧୯୯୬ ମସିହାଥି ଆଦିବାସୀ ଜିଲ୍ଲାମାନ୍କେ ଇ ଆଇନ୍ କାର୍ଯ୍ୟକାରୀ କର୍ବାର୍କେ ରାଜ୍ୟମାନ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ ବର୍ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲାର୍ ବର୍‌ଗଡ୍, ପଦମ୍‌ପୁର୍, ସୋହେଲା, ବର୍‌ପାଲି, ଭେଡ଼େନ୍, ଅତାବିରା ଆଉ ବିଜେପୁର୍ ଅଦାଲତ୍ ପରିସର୍ ନ ଆଏବା ୧୨ ତାରିଖ୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେବା । ଇଥି ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବରଗଡ୍ ଜିଲ୍ଲାର୍ ଗୁଟେ କି ଜୁଡ଼େ ଜାଗା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲା ନ ଧୁକାପବନ୍ ସାଙ୍ଗେ ବିଜ୍‌ଲି ମାରିକରି ଜବର୍ ବର୍ଷା

ହେବାର୍ ସମ୍ଭାବନା ରହିଛେ । ମୌସୁମୀର ପ୍ରଭାବ୍‌ଥି ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ରାଏଜେ ୧ ହଜାର୍ ଶହେ ୫୪ ଦଶ୍‌ମିକ୍ ୩ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।